# Akashvani, Sambalpur

## SAMBALPURI NEWS BULLETIN

### 10 February 2026 – 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ଆମ୍ବୁଲେନ୍ସ        ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ୨ ଶହ ୫୦ ଟା ନୂଆଁ ଆମ୍ବୁଲେନ୍ସ ଗାଡ଼ିର୍ ଶୁଭାରମ୍ଭ କର୍‌ବେ । ଆଏଜ୍ ସଖାଲର୍ ୧୧ ବଜେ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଇତାର୍ ଉଦ୍‌ଘାଟନୀ ସମାରୋହ ଆୟୋଜନ୍ କରାଯାଇଛେ । ସମାରୋହଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍‌ଙ୍କର୍ ସହେତେ ଅଲ୍‌ଗା ଅତିଥି ମାନେ ଯୋଗ୍‌ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ସୂଚ୍‌ନା ଅନ୍‌ସାରେ ରାଏଜେ ଜରୁରୀକାଳୀନ୍ ସ୍ୱାସ୍ଥ୍ୟସେବା ଯୁଗେଇ ଦେବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଶହେ ୧୧ କୋଟି ଟଙ୍କା ଖର୍ଚ୍ଚାଥି ୪ ଶହ ୨୮ ଟା ଶହେ ୮ ଆମ୍ବୁଲେନ୍ସ ଗାଡ଼ିର୍ ବ୍ୟବସ୍ଥା କରାଯାଇଛେ ଆଉ ଖେପ୍ ଖେପ୍ କରି ଇତାର୍ ଲୋକାର୍ପଣ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଶିବିର    ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ମୁଖ୍ୟମନ୍ତ୍ରୀ ଜନଶୁଣାଣି ଶିବିର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ରାଜ୍ୟର୍ ଭିନ୍ ଭିନ୍ ଇଲାକାନୁ ଆସିଥିବା ଲୁକ୍‌କର୍ ଅଭିଯୋଗ୍ ଶୁନିକରି ତାର୍ ସମାଧାନ୍ ଦିଗେ ପରାମର୍ଶ ଦେଇଛନ୍ । ଗଲା ୧୬ ଟା ପାଲିଥି ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ଶିବିର୍‌ଥି ହେଇଥିବା ଅଭିଯୋଗ୍‌ମାନ୍‌କର୍ ୯୪ ପ୍ରତିଶତ୍ ସମାଧାନ୍ କରାଯାଇଛେ । ଇ ସମିଆଥି ୧୦ ହଜାର୍ ୫୪ ଟା ଅଭିଯୋଗ୍ ଆସିଥିବାର୍ ବେଲେ ସେଥିର୍‌ଭିତ୍‌ରୁ ୧୩ ହଜାର୍ ଶହେ ୬୯ ଟା ଅଭିଯୋଗ୍‌ର ସମାଧାନ୍ କରାଯାଇଛେ । ବାକି ଅଭିଯୋଗ୍‌ମାନ୍‌କର୍ ତୁର୍ତି ସମାଧାନ୍ କର୍‌ବାର୍‌କେ ପ୍ରକ୍ରିୟା ଚାଲିଛେ ।

ଆଇନ୍ ମନ୍ତ୍ରୀ ପୂର୍ତ ବିଭାଗ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ପୂର୍ତ ଆଉ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ପୂର୍ତ ବିଭାଗ୍‌ର ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଭୁବ୍‌ନେଶ୍ୱର୍ ସହର୍ ବର୍ଦ୍ଧିତ୍ ଯୋଜ୍‌ନା ବାଗିର୍ କଟକ୍ ନ ଆଉଟର୍ ରିଂରୋଡ୍ ତିଆର୍ କର୍‌ବାର୍‌କେ ଜୋର୍ ଦେଇଛନ୍ । ଇତାର୍‌ସହେତେ ପଶ୍ଚିମ ଓଡ଼ିଶାନୁ ପୂର୍ବ ଓଡ଼ିଶାକେ ଯୋଗାଯୋଗ୍ ବ୍ୟବସ୍ଥା ଆହୁରି ବର୍‌କସ୍ କର୍‌ବାର୍ ଲାଗି କଟକ୍- ସମ୍ବଲପୁର ଜାତୀୟ ରାଜପଥ ୫୫ କେ ୬ ଥାକିଆ କର୍‌ବାର୍

ଲାଗି ଆଲୋଚନା କରିଥିଲେ । ସେନ୍ତା ରାଜ୍ୟର୍ ସବୁ ଇଲାକାର୍ ରାଜପଥ ମାନ୍‌କେ ୪ ଥାକିଆ କର୍‌ବାର୍ ସହେତେ ବଲାଙ୍ଗିର୍ ବାଇପାସ୍ ରାସ୍ତା ତିଆର୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ମେଟ୍ରିକ୍ ପରୀକ୍ଷା-ପ୍ରଶ୍ନପତ୍ର            କଟକ୍ ସମ୍ବାଦଦାତା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ଆଏବା ୧୯ ତାରିଖ୍‌ନୁ ହେବାର୍‌କେ ଥିବା ମେଟ୍ରିକ୍ ପରୀକ୍ଷା ଲାଗି ଆଏଜ୍‌ଠାନୁ ନୋଡ଼ାଲ୍ କେନ୍ଦ୍ର ମାନ୍‌କେ ପ୍ରଶ୍ନପତ୍ର ପଠାଯିବା । ଇ ବଛର୍ ରାଏଜେ ୩ ହଜାର୍ ୮୨ ଟା କେନ୍ଦ୍ର ନ ପରୀକ୍ଷା କରାଯିବା । ପହେଲା ଖେପ୍‌ଥି ଆଏଜ୍ ୪ ଟା ଜିଲ୍ଲାକେ ପ୍ରଶ୍ନ ପତ୍ର ପଠାଯିବା । ପ୍ରଶ୍ନପତ୍ର ରଖିବାର୍ ଲାଗି ୩ ଶହ ୨୨ ଟା ନୋଡ଼ାଲ୍ ସେଂଟର୍ ରହିଛେ । ସବୁ ସେଂଟର୍ ନ କଡ଼ା ସୁରକ୍ଷା ସହେତେ ସିସିଟିଭି ବ୍ୟବସ୍ଥା କରାଯାଇଛେ । ନକ୍ସଲ୍ ପ୍ରଭାବିତ୍ କନ୍ଧମାଲ୍ ଆଉ ମାଲ୍‌କାନ୍‌ଗିରି ଜିଲ୍ଲା ନ ସୁରକ୍ଷା ଥିତିକେ ନଜର୍‌ଥି ରଖିକରି ୧୭ ଟା ଥାନା ନ ପ୍ରଶ୍ନପତ୍ର ରଖାଯିବା । ଆଏବା ୧୭ ତାରିଖ୍‌ତକ୍ ସବୁ ଜାଗାକେ ପ୍ରଶ୍ନପତ୍ର ମାନେ ପୁହୁଁଚିଯିବା ବଲି ପରିଷଦ୍‌ର ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ ।

ସୂଚ୍ନା ଅନ୍ସାରେ ଇ ବଛର୍ ରାଏଜେ ୫ ଲାଖ୍ ୬୧ ହଜାର୍ ନୁ ଅଏତ୍କା ଛାତ୍ରଛାତ୍ରୀ ମେଟ୍ରିକ୍ ପରୀକ୍ଷା ଦେବାର୍ ଲାଗି ଫର୍ମ ଫିଲପ୍ କରିଛନ୍ ।

ଜାତୀୟ କୃମିନାଶକ/ଫାଇଲେରିଆ ନିରାକରଣ୍ ଦିବସ

ଆର୍ଏନ୍ୟୁ/ ସମ୍ବଲପୁର

ଦେଶେ ଆଏଜ୍ ଜାତୀୟ କୃମିନାଶକ ଦିବସ ପାଲନ କରାଯାଉଛେ । ୧ ନୁ ୧୯ ବଛର୍ ବୟସର୍ ଛୁଆମାନ୍କୁ କୃମିରୋଗ୍ନୁ ସୁରକ୍ଷା ଦେବାର୍ ଲକ୍ଷ୍ୟଥି ଭାରତ୍ ସର୍କାର୍ଙ୍କର୍ ତର୍ଫୁ ଇ ଅଭିଯାନ୍ ମୁଲ୍ କରାଯାଇଛେ । ଜାତୀୟ କୃମି ନାଶକ୍ ଦିବସ୍ ବଛର୍କ ୨ ଥର୍ ଫେବୃଆରୀ ୧୦ ତାରିଖ୍ ଆଉ ଅଗଷ୍ଟ ୧୦ ତାରିଖ୍ ପାଲନ୍ କରାଯାଏସି । ଇ ଅବସ୍ରେ ଆଏଜ୍ ସ୍ୱାସ୍ଥ୍ୟ କର୍ମଚାରୀ ଆର୍ ଅଙ୍ଗନୱାଡ଼ି କର୍ମୀମାନେ ଘର୍କେ ଘର ଯାଇ କରି କୃମିରୋଗ୍ ବାବ୍ଦେ ସଚେତନ୍ କର୍ବାର୍ ସହେତେ ଆଲ୍ବେଣ୍ଡାଜଲ ଉଷୋ ଖୁଆବାର୍ କାର୍ଯ୍ୟକ୍ରମ୍ ରହିଛେ । କୃମିନାଶକ୍ ଅଭିଯାନ୍ଥି ରାଏଜେ ୧ କୋଟି ୭୦ ଲାଖ୍ ଲୁକ୍କୁ ଉଷୋ ଖୁଆବାର୍ ଲକ୍ଷ୍ୟ ରଖାଯାଇଛେ ।

ସେନ୍ତା ରାଏଜେ ଆଏଜ୍ଠାନୁ ଫାଇଲେରିଆ ନିରାକରଣ ଲାଗି ଭିଲ୍ ସାମୂହିକ୍ ଉଷୋ ଖୁଆଯିବା । ୧୯ ତାରିଖ୍ ତକ୍ ହେବାର୍କେ ଥିବା

କାର୍ଯ୍ୟକ୍ରମ୍‌ଥି ବଲାଙ୍ଗିର୍, ବର୍‌ଗଡ଼୍, ଗଞ୍ଜାମ୍, ଢେଙ୍କାନାଲ୍, ଯାଜ୍‌ପୁର୍ ଜିଲ୍ଲାର୍ ୭ ଟା ବ୍ଲକ୍ ଆଉ ସହରାଂଚଲ୍ ନ ଲୁକ୍‌କୁ ଫାଇଲେରିଆ ନିରୋଧୀ ଉଷୋ ଖୁଆଯିବା । ଆଶାକର୍ମୀ ଆଉ ତାଲିମ୍ ପାଇଥିବା ସ୍ୱେଚ୍ଛାସେବୀମାନେ ଘର୍, ସ୍କୁଲ୍, କଲେଜ୍ ଆଉ ଅଫିସ୍ ମାନ୍‌କେ ଯାଇକରି ଉଷୋ ଖୁଆବେ ।

ଅଟଲ୍ ପେନ୍‌ସନ- ବିସ୍ତାର୍ କାର୍ଯ୍ୟକ୍ରମ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ନ ଅଟଲ୍ ପେନ୍‌ସନ୍ ଯୋଜ୍‌ନାର୍ ବିସ୍ତାର୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ପେନ୍‌ସନ୍ ପାଣ୍ଠି ନିୟାମକ ଆଉ ବିକାଶ୍ ପ୍ରାଧିକରଣ୍‌ର ନିର୍ଦ୍ଦେଶ୍‌ଥି ରାଜ୍ୟସ୍ତରୀୟ ବେଙ୍କ୍ ସମୂହ ସମିତିର୍ ଦେଖ୍‌ରେଖ୍‌ଥି ଭାରତୀୟ ଷ୍ଟେଟ୍‌ବେଙ୍କ୍ ତର୍‌ଫୁ ଇ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ପିଏଫ୍‌ଆର୍‌ଡିଏ ର ମୁଖ୍ୟ ମହାପ୍ରବନ୍ଧକ ପ୍ରଭେଶ୍ କୁମାର୍ ଯୋଗ୍ ଦେଇଥିଲେ ।

ଅଲେଖ୍ ଅଖଣ୍ଡ ମହାଯଜ୍ଞ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ରେଢ଼ାଖୋଲ୍ ବ୍ଲକ୍ ମଧୁପୁର୍ ସଡ଼କ ଡିହି ପୁରୁଣାବସ୍ତି ନିୟବଣ ୬୪ ସିଦ୍ଧ ମହିମା ଆଶ୍ରମ୍ ନ ଅଲେଖ୍ ମହାପ୍ରଭୁଙ୍କର୍ ଅଖଣ୍ଡ

ମହାଯଜ୍ଞ ଆଉ ବାଲ୍ୟଲୀଳା ଉତ୍ସବ୍ ହେଇଯାଇଛେ । ପହପହ ନୁ ଅଖଣ୍ଡ ବ୍ରହ୍ମଧ୍ୱନି ଥାପ୍ନା କରାଯାଇକରି ଭଜନ୍ ସଂକୀର୍ତନ୍ କରାଯାଇଥିଲା । ଉପର୍‌ବେଲା ୨୧ ଶାଖା ଝାଡ଼ବତୀ ଜଲାଯାଇକରି ବାଲ୍ୟଲୀଳା ଅର୍ପଣ୍ କରାଯାଇଥିଲା ।

ପୁରୁଷ ହକି ପ୍ରୋ ଲିଗ୍          ଆଇ.ଆଣ୍ଡ୍.ପି.ଆର୍

ଫେଡ଼େରେସନ୍ ଅଫ୍ ହକି ଇଣ୍ଡିଆ ତର୍‌ଫୁ ହଉଥିବା ପୁରୁଷ ହକି ପ୍ରୋ ଲିଗ୍ -୨୦୨୫-୨୬ର ରାଉର୍‌କେଲା ଖେପ୍ ମେଚ୍ ଆଏଜ୍‌ଠାନୁ ମୁଲ୍ ହେଉଛେ । ରାଉର୍‌କେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ ନ ଆଏବା ୧୫ ତାରିଖ୍‌ତକ୍ ଫି’ ଦିନର୍ ସଞ୍ଜ୍‌ବେଲର୍ ସାଢ଼େ ୭ ବଜେ ମେଚ୍ ଖେଲାଯିବା । ଇ ଖେପ୍‌ଥି ଆୟୋଜକ ଭାରତ୍, ବେଲ୍‌ଜିୟମ୍ ଆଉ ଆର୍ଜେଣ୍ଟିନା ଭିତ୍‌ରେ ମେଚ୍ ଖେଲାଯିବା । ଆଏଜ୍ ପହେଲା ମେଚ୍ ଭାରତ୍ ଆଉ ବେଲ୍‌ଜିୟମ୍ ଭିତ୍‌ରେ ଖେଲାଯିବା ବଲି ଆୟୋଜକଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନର୍ ତାପମାତ୍ରା କମ୍‌ବାର୍ ସହେତେ ଶୀତ୍ ପ୍ରଭାବ୍ ଦେଖ୍‌ବାର୍‌କେ ମିଲୁଛେ । ଆଏବା ୨ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା

୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁଁ ସୂଚ୍‌ନା ଦିଆଯାଇଛେ ।